# ସମ୍ବଲପୁରର ଆଲୁଅ

**ଶ୍ରୀ ସଞ୍ଜୀବ କୁମାର ଷଢଙ୍ଗୀ**

ସ୍ୱର୍ଗତ ନୃସିଂହ ଗୁରୁ ଓଡିଶା ତଥା ସମ୍ବଲପୁରର ଜଣେ ଆଦର୍ଶ ବ୍ୟକ୍ତି । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ସାମ୍ବାଦିକ ଭାବରେ ସମଗ୍ର ଓଡିଶାରେ ଘରେ ଘରେ ପରିଚିତ । ସ୍ୱର୍ଗତ ଗୁରୁଙ୍କ ଜନ୍ମ ୧୯୦୧ ମସିହା ଫାଲଗୁନ ପୂର୍ଣ୍ଣମୀ ଦିନ ଶାସନ ନିକଟବର୍ତ୍ତୀ ଗୁରୁପାଲିରେ ହୋଇଥିଲା ।

ସେ ସ୍କୁଲରେ ପାଠପଢୁଥିବା ସମୟରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେ ଅନେକ ଥର ଦେଶ ପାଇଁ ଜେଲ ଯାଇଛନ୍ତି । ଗାନ୍ଧିଜୀଙ୍କ ସହିତ ମିଳାମିଶା କରି, ଗାନ୍ଧିଜୀଙ୍କ ଦେଶଭକ୍ତିରେ ଏତେ ପ୍ରଭାବିତ ହୋଇଗଲେଯେ ଗାନ୍ଧିଜୀଙ୍କ ପରି ନିଶା ନିବାରଣ, ଖଦୀ ପ୍ରଚାର, ହରିଜନ ସେବା ପ୍ରଭୃତି କାର୍ଯ୍ୟରେ ସେ ନିଜର ସାରା ଜୀବନ ଅତିବାହିତ କରି ଦେଇ ଥିଲେ ।

ସ୍ୱର୍ଗତ ଗୁରୁ ଉଚ୍ଚ ପଦବୀରେ ରହିବାକୁ ଭଲ ପାଉ ନଥିଲେ । ସେ ଚାହିଁଥିଲେ ଏମ୍.ଏଲ.ଏ., ଏମ.ପି. ତଥା ମନ୍ତ୍ରୀ ହୋଇ ପାରିଥାନ୍ତେ । ସମାଜର ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସାମ୍ବାଦିକତାରେ ଅଭିଜ୍ଞତା ହେତୁ ସମାଜର ସଂପାଦକ ପଦବୀ ଆହ୍ୱାନକୁ ପସନ୍ଦ ନକରି ତାହା ତ୍ୟାଗ କରିଥିଲେ । ସେ ଜଣେ ସରଳ, ନିଷ୍କପଟ ଲୋକ ଥିଲେ । ସେ ଯେଉଁ ଲେଖା ଗୁଡିକ ଲେଖୁଥିଲେ ତାହା ପ୍ରକୃତ ସତ୍ୟ ଥିଲା । ସେ ଯେଉଁ ବିଷୟରେ ଲେଖୁଥିଲେ ତାହା ସତ୍ୟ ବୋଲି ନ ଜାଣିବା ଯାଏଁ ସେ ଲେଖୁ ନଥିଲେ । ତାଙ୍କ ଲେଖା ଗୁଡିକ ଅତି ସରଳ । ଲୋକଙ୍କ ମନ ପାଇଲା ଭଳି ଲେଖା ସେ ଲେଖୁଥିଲେ ।

ସେ ସମାଜପାଇଁ ବହୁ ପରିଶ୍ରମ କରିଯାଇଛନ୍ତି । ତାଙ୍କ ଦେହରେ ଟିକିଏ ହେଲେ ଗର୍ବ ନଥିଲା । ତାଙ୍କର ପୋଷାକ ଥିଲା ଖଣ୍ଡେ ଆଣ୍ଠୁଲୁଚା ଖଦୀ ଧୋତି ଓ ଖଣ୍ଡେ ଖଦୀ ଗାମୁଛା । ସେ ସ୍ୱଦେଶୀ ଜିନିଷ ବ୍ୟବହାର କରୁଥିଲେ । ଯଦି କୌଣସି ବିକ୍ରେତା ନ ଆସିଲେ ସେ ନିଜେ ଘର ଘର ବୁଲି "ସମାଜ" ବାଣ୍ଟୁଥିଲେ ।

ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଦୈନିକ ସମ୍ବାଦପତ୍ର "ସମାଜ" ପାଇଁ ସେ ଯାହା କରି ଯାଇଛନ୍ତି ତାଙ୍କ ଶେଷ ଅବସ୍ଥାରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଚକ୍ରାନ୍ତ ଯୋଗୁ ସମାଜ ଅନୁଷ୍ଠାନ ତରଫରୁ ନାନା ଅପଦସ୍ଥ ହେବାକୁ ପଡିଥିଲା । ସେ ଗାନ୍ଧିବାଦୀ ଲୋକ ଥିଲେ । ତାଙ୍କୁ ପଶ୍ଚିମ ଓଡିଶାର ଗାନ୍ଧୀ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ତାଙ୍କ ଭଳିଆ ମହାପୁରୁଷ ଏପରି କଥା ଶୁଣିବା ଦ୍ୱାରା ତାଙ୍କ ଶରୀର ଦୁର୍ବଳ ହୋଇ ପଡିଥିଲା । ତାଙ୍କୁ ବହୁତ ଯନ୍ତ୍ରଣା ଭୋଗିବାକୁ ପଡିଥିଲା । ଶେଷରେ ତାଙ୍କୁ ସଂସାର ତ୍ୟାଗ କରିବାକୁ ପଡିଥିଲା ।

ମୁଦିପଡା,ସମ୍ବଲପୁର